**Series #CDBA/S**

**SET-4**

Q.P. Code **14/S**

Roll No. | | | | | | | | |

Candidates must write the Q.P. Code on the title page of the answer-book.

- ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରଟି **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **11** printed pages.
- Please check that this question paper contains **14** questions.
- Q.P. Code given on the right hand side of the question paper should be written on the title page of the answer-book by the candidate.
- **Please write down the serial number of the question in the answer-book before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

**General Instructions :**

- *This question paper is divided into **4** sections.*
- *It has total **14** questions.*
- ***Section A : 1** Question no. **1***
- ***Section B : 2** Questions no. **2** and **3***
- ***Section C : 4** Questions no. **4** to **7***
- ***Section D : 7** Questions no. **8** to **14***

*Attempt questions as per specific instructions.*
*Write question no. in answer book before attempting it.*

***ସାଧାରଣ ନିର୍ଦ୍ଦେଶାବଳୀ :***

- *ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।*
- *ଏହି ପ୍ରଶ୍ନପତ୍ରରେ ସମୁଦାୟ **14**ଟି ପ୍ରଶ୍ନ ରହିଛି ।*
- ***ସେକ୍ସନ ଏ (Section A) : 1** ପ୍ରଶ୍ନ ସଂଖ୍ୟା **1** ରହିଛି ।*
- ***ସେକ୍ସନ ବି (Section B) : 2** ପ୍ରଶ୍ନ ସଂଖ୍ୟା **2 ରୁ 3** ରହିଛି ।*
- ***ସେକ୍ସନ ସି (Section C) : 4** ପ୍ରଶ୍ନ ସଂଖ୍ୟା **4 ରୁ 7** ରହିଛି ।*
- ***ସେକ୍ସନ ଡି (Section D) : 7** ପ୍ରଶ୍ନ ସଂଖ୍ୟା **8 ରୁ 14** ରହିଛି ।*

*ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।*
*ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।*

## SECTION A

### ସେକ୍ସନ ଏ

**1.** ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ଉଚ୍ଚମାନର ସାହିତ୍ୟ ସର୍ବଦା ମାନବସମାଜକୁ ଉଚିତ ମାର୍ଗ ଦର୍ଶାଇଆସିଛି । ମଣିଷ ଭିତରର ଭଲପଣିଆର ଜୟଗାନ କରେ ସାହିତ୍ୟ । ସାହିତ୍ୟ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଆମ ପାଇଁ ଜ୍ଞାନାଲୋକର ଉତ୍ସ । ସମାଜରେ ନିତିଦିନ ଘଟୁଥିବା ଘଟଣାବଳୀ ସାହିତ୍ୟରେ କଳାତ୍ମକ ରୂପରେ ପ୍ରକାଶ ପାଇଥାଏ । ସେଥିପାଇଁ ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହାଯାଏ । ଦର୍ପଣ ସ୍ୱଚ୍ଛ ଥିଲେ ସେଥିରେ ପଡୁଥିବା ପ୍ରତିବିମ୍ବ ମଧ୍ୟ ସ୍ୱଚ୍ଛଦିଶେ । ପ୍ରତ୍ୟେକ ସାହିତ୍ୟିକ ନିଜ ସୃଷ୍ଟିକୁ ସ୍ୱଚ୍ଛ କରିବାକୁ ଇଚ୍ଛା ରଖିଥାନ୍ତି । ସେଥିପାଇଁ ସେମାନେ ଭାବପ୍ରବଣତାର ସୁଅରେ ଭାସିଯିବା ଅପେକ୍ଷା ଅନ୍ତରାତ୍ମାର ଆହ୍ୱାନକୁ ଅଧିକ ଗୁରୁତ୍ୱ ଦିଅନ୍ତି । ଖାଲି ଆଖିକୁ ଯାହା ପରବତ ବନ, କବି ଆଖିକୁ ତା' ନନ୍ଦନକାନନ । ଅର୍ଥାତ୍, କବିଙ୍କର

ଦିବ୍ୟଦୃଷ୍ଟିରେ ସାଧାରଣ ପାଲଟିଯାଏ ଅସାଧାରଣ । ସେହି ଅସାଧାରଣତ୍ୱ ହିଁ ସୃଷ୍ଟିକୁ ଚିରନ୍ତନ କରିଦିଏ । କବି ବା ଲେଖକ ଆପଣାର ଅମରତ୍ୱ ଅପେକ୍ଷା ସୃଷ୍ଟିର ଅମରତ୍ୱକୁ ଅଧିକ ଗୁରୁତ୍ୱ ଦିଅନ୍ତି । ଏଇ ମହାନତା ପାଇଁ ସେମାନେ ମାନବଜାତିର ଚିରନମସ୍ୟ ପାଲଟି ଯାଇଛନ୍ତି । ସାହିତ୍ୟ ରଚନାର ଆଦ୍ୟକାଳରୁ ଏଯାବତ ଏହି ମହାନ ଭାବଧାରା ମସୀଧାରୀଙ୍କୁ ଉଦ୍‌ବୁଦ୍ଧ କରିଆସିଛି । ପରିଣାମ ସ୍ୱରୂପ, ସମଗ୍ର ବିଶ୍ୱରେ ଏକାଧିକ ଭାଷାରେ ଅଜସ୍ର ସାହିତ୍ୟଗ୍ରନ୍ଥ ରଚିତ ହୋଇଛି । ସମାଜର ଅଶେଷ କଲ୍ୟାଣକାରୀ ଏହି ଗ୍ରନ୍ଥସବୁ ଆମର ଅମୂଲ୍ୟ ସମ୍ପଦ ।

(i) ସାହିତ୍ୟ କାହାର ଜୟଗାନ କରେ ?

(ii) ସାହିତ୍ୟକୁ ସମାଜର ଦର୍ପଣ ବୋଲି କାହିଁକି କୁହାଯାଏ ?

(iii) ପ୍ରତ୍ୟେକ ସାହିତ୍ୟିକ କ'ଣ ଇଚ୍ଛାପୋଷଣ କରିଥାନ୍ତି ?

(iv) ଖାଲି ଆଖି ଓ କବି ଆଖି ମଧ୍ୟରେ କି ଫରକ ଥାଏ ?

(v) କେଉଁଗୁଡ଼ିକ ଆମର ଅମୂଲ୍ୟ ସମ୍ପଦ ?

## SECTION B

## ସେକ୍ସନ ବି

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *1×6=6*

(i) କ୍ରୀଡ଼ା ଓ ବିଶ୍ୱଶାନ୍ତି

(ii) ପ୍ରାକୃତିକ ସଂପଦର ସୁରକ୍ଷା

(iii) ଜାତୀୟ ସଂହତି

**3.** (a) 'ବୟସ୍କ ବ୍ୟକ୍ତିଙ୍କୁ ସମ୍ମାନ' ଶୀର୍ଷକ ତୁମଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ । *6*

**କିମ୍ବା (OR)**

(b) 'ନିପୁଣ ଭାରତ ମିସନ୍' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସଂପାଦକଙ୍କୁ ପତ୍ର ଲେଖ ।
(ବି.ଦ୍ର. – ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ । )

# SECTION C

## ସେକ୍ସନ ସି

**4.** ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେ କୌଣସି ***ଗୋଟିଏ*** ଛନ୍ଦକୁ ବୁଝାଇ ଲେଖ । *1x4=4*

(i) ଭାଗବତବାଣୀ

(ii) ବଙ୍ଗଳାଶ୍ରୀ

**5.** ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କର । (ଯେ କୌଣସି ***2*** ଟିର) *2x1=2*

(i) ଯେଉଁମାନେ ପ୍ରକୃତ ବନ୍ଧୁ, ସେମାନେ ବିପଦବେଳେ ଦୂରେଇ ଯାଆନ୍ତି ନାହିଁ । (ସରଳବାକ୍ୟ କର)

(ii) ମାଆ ଭଲ କରି ଶିଖାଇଲେ ମଧ୍ୟ ଗୀତିକା ରୋଷେଇ କରିପାରିଲା ନାହିଁ । (ଯୌଗିକବାକ୍ୟ କର)

(iii) ଜେଜେ ଘରେ ପହଞ୍ଚିଲା ବେଳକୁ ସୂର୍ଯ୍ୟାସ୍ତ ହୋଇ ସାରିଥିଲା । (ଜଟିଳବାକ୍ୟ କର)

**6.** ନିମ୍ନଲିଖିତ ରୂଢ଼ିକୁ ବ୍ୟବହାର କରି ସାର୍ଥକ ବାକ୍ୟ ଗଠନ କର । (ଯେ କୌଣସି ***2*** ଟିର) *2x1=2*

(i) ଅହିନକୁଳ ସଂପର୍କ

(ii) ମନ ଘରଧରିବା

(iii) ଜୋକ ପରି ଲାଗିବା

**7.** ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ ଶବ୍ଦ ଲେଖ । (ଯେ କୌଣସି ***2*** ଟିର) *2x1=2*

(i) ରଜଗୁଣ

(ii) ଉତ୍ୟକ୍ତ

(iii) ଗ୍ରାହାକ

## SECTION D

## ସେକ୍ସନ ଡି

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

(ii) ଭୋକିଲା ଲୋକଙ୍କର ଦୁଃଖକୁ ନିଜ ଆଖିରେ ଦେଖି ତା'ଙ୍କ ହୃଦୟ ବିଗଳିତ ହେଲା ।

**9.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?

(ii) ଗୃହସ୍ଥର ପଥ କେତେବେଳେ ସଂପୂର୍ଣ୍ଣ ପୃଥକ ହୋଇଯାଏ ?

(iii) ସମୂହ ଜନତା ଅଳ୍ପସମୟ ମଧ୍ୟରେ କିପରି ଶିକ୍ଷିତ ହୋଇପାରିବେ ?

(iv) ରୁଷ୍ ସରକାର ପ୍ରତ୍ୟେକ ସୋଭିଏଟରେ ଲୋକମାନଙ୍କୁ କେଉଁ ଅଧିକାର ଦେଇଛନ୍ତି ?

(v) ଜନତା ଜନାର୍ଦ୍ଦନ କାହିଁକି ଅବହେଳିତ ଅବସ୍ଥାରେ ଥିଲେ ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *10×1=10*

(i) କେଉଁ ମହାବିଦ୍ୟାଳୟରୁ ଲକ୍ଷ୍ମୀକାନ୍ତ ବି.ଏ. ପାସ୍ କରିଥିଲେ ?

(A) ରେଭେନ୍ସା

(B) ଭଦ୍ରକ

(C) ଖଲ୍ଲିକୋଟ

(D) ବାଲେଶ୍ୱର

(ii) ବହୁ ପଲ୍ଲୀ ଜନନୀ ଆଜି କ'ଣ ହରାଇ ବସିଛନ୍ତି ?

(A) ଧନସମ୍ପତ୍ତି (B) ପରମ୍ପରା

(C) ଶିକ୍ଷିତ ସନ୍ତାନ (D) ଆତ୍ମୀୟତା

(iii) ଈଶ୍ୱରବିଶ୍ୱାସ କିଏ କମାଇ ଦେଇଛି ବୋଲି ଅନେକ ଅଭିଯୋଗ କରିଥାନ୍ତି ?

(A) ସାହିତ୍ୟ (B) ପ୍ରାଚୁର୍ଯ୍ୟ

(C) ଦର୍ଶନ (D) ବିଜ୍ଞାନ

(iv) କୃଷକଙ୍କ ଠାରୁ ଦୂରରେ ରହି ଯେଉଁ କୃଷି, ସେଥିରେ କାହାର ଶ୍ରାଦ୍ଧ ବି ହୋଇପାରିବ ନାହିଁ ?

(A) ରାଜାଙ୍କର

(B) ପ୍ରଜାଙ୍କର

(C) ଋଷିଙ୍କର

(D) ଗ୍ରାମବାସୀଙ୍କର

(v) 'ନରେନ୍ଦ୍ରରୁ ବିବେକାନନ୍ଦ' ପ୍ରବନ୍ଧଟି କେଉଁ ପୁସ୍ତକର ଅଂଶବିଶେଷ ?

(A) ସ୍ୱାମୀ ବିବେକାନନ୍ଦ

(B) ଛତ୍ରପତି ବିବେକାନନ୍ଦ

(C) ପ୍ରବନ୍ଧ ମାନସ

(D) ସଂସ୍କୃତି ଅପସଂସ୍କୃତି

(vi) ପୂର୍ବ ପରି ଆଜି ମଧ୍ୟ କେଉଁ ନଦୀ ବହିଚାଲିଛି ବୋଲି ପ୍ରବନ୍ଧରେ କୁହାଯାଇଛି ?

(A) ଯମୁନା (B) ଗଙ୍ଗା

(C) ବ୍ରହ୍ମପୁତ୍ର (D) ବୈତରଣୀ

(vii) କାହା ବଳରେ ଜଟିଳତମ ସମସ୍ୟାମାନ ଅନାୟାସରେ ସାଧିତ ହୋଇ ପାରୁଅଛି ?

(A) ଈଶ୍ୱର ବିଶ୍ୱାସ

(B) କୁହୁକବିଦ୍ୟା

(C) କଠିନପରିଶ୍ରମ

(D) ଜଡ଼ବିଜ୍ଞାନ

(viii) ଇଜରାଇଲ୍ ସହିତ କେଉଁ ଭାଷା ସଂପର୍କିତ ?

(A) ହିନ୍ଦୀ

(B) ଇଂରାଜି

(C) ହିବ୍ରୁ

(D) ଆରବି

(ix) ବିବେକାନନ୍ଦ କାହା ପରି ଏକାଦିକ୍ରମେ ପାଞ୍ଚ ଛଅଦିନ ସମାଧିରେ ଲୀନ ହେବାକୁ ଚାହୁଁଥିଲେ ?

(A) ରାମକୃଷ୍ଣ

(B) ଶୁକଦେବ

(C) ରାମକୃଷ୍ଣାନନ୍ଦ

(D) ବୁଦ୍ଧଦେବ

(x) 'କନକଲତା' ଉପନ୍ୟାସର ରଚୟିତା କିଏ ?

(A) ଗଙ୍ଗାଧର ମେହେର

(B) ଫକୀରମୋହନ ସେନାପତି

(C) ରାଧାନାଥ ରାୟ

(D) ନନ୍ଦକିଶୋର ବଳ

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି *1* ଟିର) *1×5=5*

(i) ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା ।

(ii) ତୋର ମୁକତିରେ ମୋର ମୁକତି ମା'
ତୋର ହସେ ମୋର ହସ
ତୋହରି ଅନ୍ତର ଆଦେଶେ ଚଳେ ମୁଁ
ଘୋଷିତୋର ମହାଯଶ ।

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି *3* ଟିର) *3×2=6*

(i) ସିଙ୍ଘନାଦ କିପରି ଗତି କରି ଭୀମଙ୍କ ହସ୍ତକୁ ଆସିଲା ?

(ii) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?

(iii) ଛାୟାମିଶ୍ରିତ ଆଲୋକରେ ବନସ୍ଥଳୀର ଦୃଶ୍ୟକୁ-କାହା ରୂପ ସହିତ ତୁଳନା କରାଯାଇଛି ?

(iv) 'ଶୁଭ ସମ୍ବାଦିନୀ ହୁଅ ରଘୁବଂଶିକେ' – ଏ କଥା କିଏ କାହାକୁ କହିଛନ୍ତି ?

(v) ବନ୍ଧନହରା କେଉଁମାନଙ୍କ ଉଦ୍ଦେଶ୍ୟରେ କୁହାଯାଇଛି ?

**13.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଟି ବାଛି ଲେଖ । *10×1=10*

(i) ଲକ୍ଷ୍ମୀକାନ୍ତ ମହାପାତ୍ର କେଉଁ କବି ଭାବରେ ସୁପରିଚିତ ?

(A) ଗୀତିକବି

(B) ଗାଥାକବି

(C) କାନ୍ତକବି

(D) ପ୍ରକୃତିକବି

(ii) ସିଙ୍ଘନାଦର ପ୍ରଥମ ଶବଦରେ କିଏ କମ୍ପି ଉଠିଥିଲା ?

(A) ମହୀମଣ୍ଡଳ

(B) ଆଦିତ୍ୟମଣ୍ଡଳ

(C) ଅମରମଣ୍ଡଳ

(D) ଅନନ୍ତନାଗ

(iii) ଅଙ୍ଗଦ କାହାର ପୁତ୍ର ?

(A) ସୁଗ୍ରୀବ

(B) ବାଳୀ

(C) ଜାମ୍ବବାନ

(D) ରାବଣ

(iv) ପାପମୂର୍ତ୍ତିର ରୂପ କିପରି ?

(A) କୁତ୍ସିତ

(B) ବିଶାଳ

(C) ଅନ୍ଧକାରମୟ

(D) ରମ୍ୟ

(v) ଉଷା ନିର୍ଦ୍ଦେଶରେ କିଏ ନର୍ତ୍ତନ କରୁଥିଲା ?

(A) ସମୀର

(B) ଭ୍ରମର

(C) ସୁରଭି

(D) କଳିଙ୍ଗ

(vi) କାହାର ଶଙ୍ଖଶବ୍ଦରେ ଦୁଃଖ ଜ୍ୱାଳା ପ୍ରଶମିତ ହେବ ବୋଲି କବି କହିଛନ୍ତି ?

(A) ବନ୍ଧନହରା

(B) ମହାମାନବ

(C) ଭବିଷ୍ୟତ

(D) ଲକ୍ଷଜୀବନ

(vii) କାହାର ପାଦଧୂଳି ମୁଣ୍ଡରେ ବୋଳି ହେବାକୁ କବି ଚାହିଁଛନ୍ତି ?

(A) ଦେଶବାସୀଙ୍କର

(B) ମାଟିମାଆର

(C) ଚେରମୂଳି ଗଛଲତାର

(D) ଗୁରୁଜନଙ୍କର

(viii) 'ମାନଗୋବିନ୍ଦ' କିଏ ?

(A) ଶ୍ରୀକୃଷ୍ଣ

(B) ସହଦେବ

(C) ଶିବ

(D) ଦୁର୍ଯ୍ୟୋଧନ

(ix) 'ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ' – ଏ କଥା କାହା ଉଦ୍ଦେଶ୍ୟରେ କବି କହିଛନ୍ତି ?

(A) ବଳଦେବ ରଥ

(B) ରାଧାନାଥ ରାୟ

(C) ମଧୁସୂଦନ ରାଓ

(D) ଗଙ୍ଗାଧର ମେହେର

(x) କେଉଁଠାରେ ଚରଣ ଅରପିବାକୁ କବି ଆହ୍ୱାନ ଦେଇଛନ୍ତି ?

(A) ମରୁପଥେ

(B) ସନ୍ଧାନପଥେ

(C) ମରଣଦୁଆରେ

(D) ଅର୍ଗଳରାଜିରେ

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେ କୌଣସି ***6*** ଟିର) *6×1=6*

(i) କାଠୁରିଆକୁ ହିତ କଥା ନ ପଚାରି ବା ନ ଶୁଣାଇ ଲେଖକ କ'ଣ ଦେଖିବାକୁ ଲାଗିଲେ ?

(ii) ଲେଖକଙ୍କ କେଉଁ ପଦିଏ କଥାରେ କାଠୁରିଆ ଲାଲଲାଲ ଆଖିରେ ଚାହିଁଲା ?

(iii) କାହା ସହିତ ରାଜଜେମା ଦରବାର କକ୍ଷକୁ ଆସିଲେ ?

(iv) କିଏ ଅକୃତଜ୍ଞ ବୋଲି ନଟବର ବାବୁ ଭାବିଛନ୍ତି ?

(v) ବରଗଛ କୋରଡ଼ରେ କେଉଁ ଗଛ ଉଠିଥିଲା ?

(vi) 'ପୂରବୀ ମୋର ସହପାଠିନୀ' – ଏହା କାହାର ଉକ୍ତି ?

(vii) ଶୁଭ ପ୍ରଭାତରେ ରାଜାଙ୍କ କେଉଁ କଥା ମନେ ପଡ଼ିଲା ?

(viii) ଧରମା ଶେଷରେ କେଉଁଠି ଝାସ ଦେଇଥିଲା ?